ଶବର ଶବରଣୀ ସୁଆଙ୍ଗ ।

ଶ୍ରୀ ଜଗନ୍ନାଥ ସିଂହଙ୍କ ଦ୍ୱାରା

ପ୍ରଥମବାର ପ୍ରକାଶିତ ।

ପ୍ରାପ୍ତିସ୍ଥାନ :—
ଓଡ଼ିଶା ଜଗନ୍ନାଥ କମ୍ପାନୀ ।
ବାଲୁବଜାର, ପୋ: ଅ: ଚାନ୍ଦନୀଚଉକ; କଟକ ।

ମୂଲ୍ୟ ଟ ୦ /   ଏକଅଣା ମାତ୍ର ।

Digitized by srujan ka@gmail.com

ଶବରୀ ଶବରଣୀ ସୁଆଙ୍ଗ ।

ଶବରୀର ପ୍ରବେଶ ।

ଗୀତ ।

ଶୁଣ ଆହେ ସଭ୍ୟଜନେ, ଶବରୀ ବେଶ ସୁମନେ, କିଏ ସେ ଯାଇବ କହି, ମାନବ ହୋଇ ଯେ ।୧। କଙ୍କତିକା ଦେଇ ବାଳି, କେଶକୁ ଅଛି ଶାଉଁଳି, ବାନ୍ଧିଅଛି ଯୁଡ଼ାବେଣୀ, ରମଣୀ ମଣି ଯେ । ତହିଁପାଶେ ଦେଇ ଭିଡ଼ା, ଖଞ୍ଜିଛି ମଲ୍ଲୀଯାଗୁଡ଼ା, ତଥି ଉପରେ ସୁବର୍ଣ୍ଣକାଠି, ଦିଶେ ଚହଟି ଯେ ।୩। ଝୁଲାଇଣ ମଥାମଣି, ଟେହ୍ଲାଇ କହଇ ବାଣୀ, ଲଲାଟେ ସିନ୍ଦୂର କଳି, ସରୁ ଟିକିଲି ଯେ ।୪। ଭ୍ରୂଭଙ୍ଗିର ଶୋଭା ତାର, ଇନ୍ଦ୍ରଧନୁର ଆକାର, ତାର ଚାହାଣି ଛଟକେ, ମୁନି ଅଟକେ ଯେ ।୫। ବେନି କର୍ଣ୍ଣରେ ତାହାଙ୍କ, ମଲ୍ଲିକଢ଼ି ସୁନା କାପ, ଝଲକି ଝଲକି ଦିଶେ, କେଡ଼େ ସରସେ ଯେ ।୬। ନୟନେ ଅଞ୍ଜନଲଞ୍ଜି, ଭଲ୍ଲସଜେ ଅଛି ରଞ୍ଜି, ନାସା-ସ[illegible] ତିଳଫୁଲ, ନୁହଇ ତୁଲ ଯେ ।୭। ତହିଁ ନୋଥ ଦନ୍ତି ଗୁଣା, ବିବେକ କରଇ ବଣା, ମୁକୁତା ହାସରେ ଧନ, ମୋହୁଛି ମନ ଯେ ।୮। ଓଷ୍ଠେ କୁହାଇଛି ରତା, ପକାଇ ଲବଙ୍ଗଲତା, ମୁଖ ତା ଶରଦଶଶୀ, ଧରିଏ ଦଶୀ ଯେ ।୯। କଣ୍ଠେ ଅଟେ ଗୁଞ୍ଜସରି, ମୋହନମାଳା ଦୋସରି, ଉରଜରେ ପଦାବଳୀ, ଭଳିକି ଭଳି ଯେ ।୧୦। ବାହେ ବାଜୁବନ୍ଧ ହଦ, ଧାଡ଼ ତଉଁରିଆ ମୁଦ୍ର, କରେ ଚୁଡ଼ି କଡ଼ିଆଳି, ଦିଶଇ ଝଲି ଯେ ।୧୧। ଅଙ୍ଗୁଳିମାନଙ୍କେ ମୁଦି, ନବଗ୍ରହ ପାଏ ଭେଦି, ଅନୁପାନ୍ତଳି ଚଉସରି, କେଛକାଗୋସ୍ରି ଯେ ।୧୨। ଉଲ୍ଲ ରଙ୍ଗେ ନୀଳଶାଢ଼ୀ, ଅଙ୍ଗେ ପିନ୍ଧିଛି ସଜାଡ଼ି,

Digitized by srujan ka@gmail.com

ଘଣ୍ଟି ଘାଗୁଡ଼ି ତା ପରେ, ଶବଦ କରେ ଯେ । ୧୩ । ପଥ୍ୱରେ ବାଜେଣି ବଳା, ସାଜନ୍ତି ନବଅବଳା, ଝଟେଣ୍ଟି ସରୁଅଳତା, ଲବଙ୍ଗଲତା ଯେ । ୧୪ । କୋଳି କୋଳି ବୋଲି ଡାକେ, ମିଳଣ ଗ୍ରାମମାନଙ୍କେ , କହେ ଦ୍ୱିଜକୃଷ୍ଣ ହୀନ, ମୂର୍ଖ ଅଜ୍ଞାନ ଯେ । ୧୫ ।

(ଓଟେ ସାଥରେ ମୋ ଶବରକୁ କଏ ଦେଖିଚ ?)

ଗୀତ ।

କଏ ଦେଖିଛ ଶବରକୁ ମୋର; କାହିଁ ଗଲେ ସେ କରି ଅନ୍ତର । ପଦ । ଆଜକୁ ଛମାସ ହେଲା, ମୋ କାନ୍ତ ଭେଟ ନୋହିଲା, କେ ରଖିଲା କରି କି ମନ୍ତର । ୧ । ମୁଁ ଯେ ନବ ଯଉବନୀ, କାନ୍ତ ବିଚ୍ଛେଦେ ସଜନୀ, କାମଶରେ ହେଉଛି ଅସ୍ଥିର ॥ କେଣେ ଗଲେ ଗୁଣମଣି, ଦେଇଣ ମୋତେ ଭଲେଣୀ, ବେନି ନୟନରୁ ବହେ ନୀର । ୩ । ଦ୍ୱିଜ ଦୀନକୃଷ୍ଣ ବୋଲେ, ଭେଟ ହେବ ଭାଗ୍ୟ ଥିଲେ, କି ବୁଦ୍ଧି ମୁଁ କରିବି ଏଥର । ୪ ।

(ଓ କି ସାଥିନ୍ତ ଓ ଶୁଣ କେତେ ମୁଲକ ବୁଲିଛ ପାଇ ନାହିଁ)

ମୁଲକଫେରି ।

ସଭାସଦ୍‌ଗଣେ ଶୁଣ ଆମାର ବିବରଣ, ଧୁଣ୍ଡେ କେ ନ ପାଏ୍ଁ ଆମି କାନ୍ତେର ଦର୍ଶନ । ଦ୍ୱାରକା ସ୍ୱମେଶ୍ୱର ହୋ ଦ୍ୱାରିକା ସୋମେଶ୍ୱରଙ୍ଗ । ୧ । ଅମରଶର, ହୋକେ, ଲଙ୍କାହୋର ଗିୟା, ଦିଲ୍ଲି ଆଗ୍ରା ଧୁଣ୍ଡ ଧୁଣ୍ଡକେ ନଙ୍କୌ ପାରହୁଆ, ମଥୁରା ବୃନ୍ଦାବନହୋଙ୍ଗ ॥ ନନ୍ଦଗ୍ରାମ ଫିରେ ଫିରେ ଚଲେ । ଗୋକୁଲେଡେ ପଶିଆଏ କାଶୀକ୍ଷେତ୍ରେ ମିଲେ, ଉହିଁ ଯେଟେ ଖୋଜାଲି ହୋଙ୍ଗ । ୩ । ନ ପାଇଲି ପ୍ରାନେରଈଶ୍ୱର, ବର୍ଦ୍ଧମାନେତେ ଦେଖି ଆଇଲି କଲିକତା ସହର । ବଡ଼େ ବଡ଼େ ଯେ ବାବୁହୋଙ୍ଗ ॥ ବସି ସବୁ ଦୋହମହଲା ଘରେ, ମୂକା ମୂକା ହୋଇ ହୁକା ଖାଉଥାନ୍ତି ଦ୍ୱାରେ, ଦେଖି ହୋଇଲି ତୋଷଙ୍ଗ । ୫ । ଦୁଇମାସ ସେଠାରେ ରହିଲି । ବାଲେଶ୍ୱର

Digitized by srujan ka@gmail.com

ଖୋଜ ଯାଜପୁରକୁ ଅଇଲ, ହେଲ ବ୍ରାହ୍ମଣୀ ପାର ହୋ୩ । ୬ । ଧନାଗ୍ରର ଥିଲି କଟକରେ, ବାଜନବଜାର ମଧ୍ୟେ ଖୋଜଣ କଷ୍ଟରେ, ଭେଟ ନ ପାଇ ମୂର୍ଚ୍ଛି ହୋ୩ । ୭ । ପାର ହୋଇ ଅଇଲ ପାଟିଅ, ସେହି ଦେଶେ ଲୋକମାନେ ଅଟନ୍ତି ହଟିଆ, ଲୁଚାଇ ଶବରକୁ ହୋ୩ । ୮ । ଘରମାନଙ୍କୁ ବୋଲି ଡାକନେଲେ, କ୍ଷୀରକୋଳ ଦେବାପାଇଁ କେତେଛ ଅଳି କଲେ । ତାଙ୍କୁ ମୁଁ କୋଳ ଦେଇ ହୋ ୩ । ୯ । ବଦାହୋଇ ଅଇଲି ସେଠାରୁ, ଏହିପରି ନିତି କୋଜ କରଇ ଆଦ୍ୟରୁ, କହଇ ଦୀନକୃଷ୍ଣ ହୋ୨ । ୧୦

—୦—

(ତୋ କାନ୍ତର ରୂପଗୁଣ କହ ଅମ୍ଭେ ଦେଖାଇଦେବୁଁ)

ଗୀତ ।

ସଖୀ ସୁଜ୍ଞଜନେ ଶୁଣ, ମୋ ଶବର ରୂପ ଗୁଣ, କହୁଛି ତୁମ୍ଭ ଅଗରେ, ଅନୁଭବରେ ଯେ । ୧ । ଜାଣ ଶବର ନାମେଣ, ଦେ ଲିଟି ବଣ୍ୟାଛ ପୂଣ, ନାନାରଙ୍ଗେ ହୋଇ ବେଶ, ବୁଲଇ ଦେଶ ଯେ । ୨ । ଶିରେ ବାନ୍ଧ ପକ୍ଷୀପର, ନବରୁ ହୋଏ ବାହାର, ମୁଖରେ ଗଜରା ଦାଢ଼ି, ଥାଇଟି ବଢ଼ି ଯେ । ୩ । ଲଲାଟେ ସିନ୍ଦୂର ଶୋଭେ, ଯୁବତୀଙ୍କ ମନ ମୋହେ, ବେନି କର୍ଣ୍ଣରେ କୁଣ୍ଡଳ, ଦିଶେ ଉଜ୍ଜ୍ୱଳ ଯେ । ୪ । ଗଳେ ଶଙ୍ଖ କାଚମାଳ, ଲମ୍ବାଏ ଉଳଙ୍କ ଭଳ, କଟିରେ ପାଟ ଜଙ୍ଗିଆ, ପିନ୍ଧେ ରଙ୍ଗିଆ ଯେ । ୫ । କରଇମାଟି ବୋଳି ଅଙ୍ଗେ, ବୁଲୁଥାଏ ନବରଙ୍ଗେ, ଧନୁଶର କରେ ଧରି, ବନେ ବିହରି ଯେ । ୬ । କାନ୍ତ ରୂପ ଗୁଣ ଏହି, ଶୁଣ ଜନେ ମନ ଦେଇ, ସେ ଅଳପ ବୟସିଆ, ନବରଙ୍ଗିଆ ଯେ । ୭ । କହେ ଦ୍ୱିଜ ଦୀନକୃଷ୍ଣ, ସେତ ପୁରୁଷ ଉତ୍ତମ, ନାଗରଙ୍କ ଶିରୋମଣି, ଅଟଇ ପୁଣି ଯେ । ୮ ।

—୦—

Digitized by srujan ka@gmail.com

(ଓ ଶବର ଡାକିଲେ ଅସିବ ? ହଁ ହଁ ଅସିବ ଓ କେମନ୍ତ ଡାକିବ, ଓ ନାମଧରି ଡାକେବ ଓ ଶବର କରେ ସ୍ତ୍ରୀ ଶବର କରେ ।)

ଗୀତ ।

ଘୋର ଧନେ ହୋ ମୋତେ କିଏ ଡାକୁଛୁ । ମୋ ଶବରୀ କର୍ଣ୍ଣ ପର ଶୁଭୁଛୁ । ପଦ । ଲାବଣ୍ୟନିଧି ହଜିଲା, ଖୋଜି ଖୋଜି ନ ପାଏ ମୁହିଁ, କିଏ ରଖିଛୁ ଲୁଗୁଇ, ନ ଦେଖି ମୋ ହୃଦ ଫାଟି ଯାଉଛୁ । ୧ । ଆଜକୁ ଛମାସ ହେଲା, ମୋ ଶବରୀ ଭେଟ ନୋହିଲା । କେଉଁ ଦେଶରେ ରହିଲା ତା ଚନ୍ଦ୍ରମାମୁଖ ଦିଶି ଯାଉଛୁ । ୨ । ମନ୍ଦବାହ୍ନ ଦଶା ହେଲା, ଏ କାଳେ ଆଶା ଭାଙ୍ଗିଲା, ଯୁବତୀ ଛଡ଼ାଇ ନେଲା, କାମଶରେ ତନୁ କ୍ଷୀଣ ହେଉଛୁ । ୩ । ଦିନ ଦିନକର ଭାବ, ମନୁଙ୍କ ପାଶୋର ଯିବ, କିଏ ତାକୁ ଭେଟାଇବ, ଦୀନକୃଷ୍ଣ ଭାବି କହୁଛୁ । ୪ ।

ଏଥିଅନ୍ତରେ ଶବର, ବନରୁ ହେଲା ବାହାର ଡାକେ ଶବରୀ ଶବରୀ ମୋ ଚମ୍ପାଗୋରୀ ଯେ । ୧ । କେଉଁଣେ ଗଲୁ ଗୃହମୁହିଁ, ଖୋଜି ଖୋଜି ପାଉ ନାହିଁ, ନିଶି ଦିନ ନିଦ୍ରା ଛାଡ଼ିଲି, ମୁଁ ଏଠି ସରି ଗଲି । ୨ । ଆଜକୁ ଛମାସ ହେଲା, କିଏ ଲୁଗୁଇ ରଖିଲା, ସେ ତ ମୋର ଗଳାମାଳୀ ନବଛଇଳୀ ଯେ । ୩ । ନବଯଉବନୀ ମୋର, ଅଟଇ ଯେ ଗଳାହାର, ତା ଲାଗି ମୋ ତନୁକ୍ଷୀଣ, କଲା ମଦନ ଯେ । ୪ । ଏତେ କହିଣ ଶବର, କରେ ଧରି ଧନୁଶର, ଶବରୀ ଶବରୀ ବୋଲି, ଖୋଜଇ ବୁଲି ଯେ । ୫ । ହେବନଜନ ଭେଟ ହେଲେ, ସୁଖୀ ହୋଇ ନାଟ କଲେ, କହେ ଦ୍ୱିଜ ଦୀନକୃଷ୍ଣ ମୂର୍ଖ ଅଜ୍ଞାନ ଯେ । ୬ ।

ମୁଲକଫେର ।

ଶୁଣ ଜନେ ହେତୁ କରି, ଶବରର ମୁଲକଫେରି, କରି ଶବରୀ ଉଲ୍ଲାସ, ବହୁତ ଦୋଷ ଯେ । ୧ । ଦ୍ୱାଦଶ ଶବର ପଲି, ଖୋଜିଣ

Digitized by srujan ka@gmail.com

ଅଯୋଧ୍ୟା ଗଲି; ନ ପାଇ ଶବରୀଙ୍କ ଦେଖା, ଗଲି ଦ୍ୱାରକା ଯେ ॥ ଶବରୀ ସେଠାରେ ନାହିଁ, ତହୁଁ ବଦ୍ରିକା ମୁଁ ଯାଇଁ ହରିଦ୍ୱାର ଶିବକୁଣ୍ଡ, ନ ପାଇ ଭେଟ ହେ ॥ ସିନ୍ଧୁଆ ଭୂପାଳ ଦେଶ, କଲି ଅନେକ ତଲାସ, ବ୍ରଜ ଦେଶକୁ ମୁଁ ଯାଇଁ, ପାଇଲି ନାହିଁ ହେ ॥ ଗୋପ ବୃନ୍ଦାବନ ଯେତେ, ଖୋଜିଲି ମାସେ ପର୍ଯ୍ୟନ୍ତେ, ଗାନ୍ଧିକା ନଦୀ ଉପରେ, ତଲାସି ଫେରେ ଯେ । ୫ । ତହୁଁ ଗଲି ବର୍ଦ୍ଧମାନ କଲି ଶବରୀ ସନ୍ଧାନ, ତହୁଁ ଗଲି କଲିକତା, ମନରେ ଶଙ୍କା ହେ ॥ ହାବୁଡିଆ ରେଲଗାଡ଼ି ହାବୁଡ଼ାଠାରୁ ମୁଁ ଚଢ଼ି, ମୋଢଗଞ୍ଜଠାରେ ଯାଇ ବାବୁଙ୍କୁ କହୁ ହେ । ୭ । ଗଣୀ ଯେ ସଦ୍ଭାବମଣି, ମାତର କେଉଟୁଣୀ, ତାଙ୍କୁ ମୂଲ୍ୟଦାନ ଦେଇ, କାଲୀଙ୍କି କହୁ ଯେ । ୮ । ବାଲେଶ୍ୱର ନୀଳଗିରି, ଅଠର ଗଡ଼ ଯେ ଫେରି; କଟକ ମେଦହନ୍ଧ ପିର. ବାଲ୍ୟବଟ ର ହେ । ୯ । ନମଚଉଡ଼ିରେ ବସା, କରିଣ ଚିଉଲ୍ଲ ହଂସା; ସେଠାରେ ନାହିଁ ଶବରୀ ଗଲି ମୁଁ ପୁରୀ ଯେ ।୧୦। ସମୁଦ୍ରେ କଲି ସ୍ନାହାନ; ଦେଖିଲି ଜଗମୋହନ ହୋଇଛନ୍ତି ନାନା ବେଶ, ଦେଖିଣ ତୋଷ ଯେ । ୧୧ । ପାରିଦ୍ୱୀପେ ପାରେଶ୍ୱର, ଲୋକନାଥଙ୍କୁ ପୁହାର ଅଭୟ ଚକ୍ରବାସେଲୀ, ଚରଣେ ଅଳି ଯେ । ୧୨ । ବୁଲି ଖୋଜି ଏତେ ଦେଶ, ସଭାରେ ହେଲି ପ୍ରବେଶ ଦେଖିଥିଲେ ଶବରଣୀ, କହିବ ପୁଣି ଯେ । ୧୩ । ମାଆ ଲୋ ଫିଙ୍ଗିଶାରଦା, ତୋ ପାଦେ ରହୁ ମୋ ଶ୍ରଦ୍ଧା, ଭଣେ ଦୀନକୃଷ୍ଣ କବି, ବରଦେ ଦେବି ଯେ । ୧୪ ।

ଶବର ଶବରଣୀଙ୍କର (ଭେଟ ।

(ଏବେ ଶବରୀ, ଯୋ କହେ, ଏବେ ଆହୁଁ ଯାଉଥିବୁ କ ଏବେ ଶବର କହିଲା ଫକୀର ତୁ ବାଡ଼େଇ ବାହାରକର ହେଲୁ । ଯୋ କ ସେ ସେ ହେବ ପିଠୁ ଥ ଦ୍ୱେ ମୁଁ ନାହିଁ ଯିବ ।)

Digitized by srujan ka@gmail.com

ଗୀତ ।

ଶବରୀ ଲୋ ଘରକୁ ନ ଯିବା ଆଏ, ମୁଁ ପଡ଼ି ତୋ କଣ୍ଠାଜନ ମନେ ଭୁ ନ କର ସେହ । ପଦ । ଚତୁର୍ଦ୍ଦଶ ଭୁବନ ତୋତେ ନ ଦେଖିଣ ନେଇ ସଙ୍ଗେ; ଭାଙ୍ଗିଥିଲି ଅନୁବ୍ରତେ, ହୋଇ ବଡ଼ ନିରାଶ । ୧ । ମାନ ତେଜ ସମାଦର, ଆନ ପରାମ୍ପ୍ର ନ କର, ଧରୁଅଛୁ ତୋର କର, ହସି ବଚନ ଭାଷ । ୨ । ଯେବେ ମୁଁ ହୋଇଲି ଦୋଷୀ, ବାନ୍ଧି ଗଳେ ବାହୁପାଶୀ, ଉରଜେ ପକାଅ ପେଷି, ଏହି ମୋର ମାନସ । ୩ । କୋଳେ ବସାଇ ସୁରତ; ଦିଅ ଅଳେ ରସବତୀ, ଦ୍ୱିଜ ଦୀନକୃଷ୍ଣ ପ୍ରୀତ, ମାଗେ ନିଶି ଦିବସ । ୪ ।

—o—

ଶବର ରେ ତୋହର ସଙ୍ଗେ ନ ଯିବି, ମୋର ଏହି ନିବେଦନ ଉତ୍ତର ନ ଦେବ । ପଦ । ଏଡ଼େ ଡକାଇତ ବୋଲି, ମୁହିଁ ତ ଜାଣି ନ ଥିଲି, ଏବେ ତ ନିରାଶ କଲୁ ହୋଇଲି ପରାଭବୀ ।୧। ପୁରୁଷ ଭ୍ରମରଜାତି, ନାନାକୁସୁମେ ବସନ୍ତି, ବାସ ନେଇଣ ତେଜନ୍ତି, କେତେ ମୁଁ ତା କହିବ ।୨। ନାଗରବର ହଟିଆ, ଅଟ ବଡ଼ ଲମ୍ପଟିଆ, ସ୍ୱଭାବେ ନଟକୁଟିଆ, ନିରନ୍ତରେ ତେଜିବ । ୩ । ନ କହ ଲୁଣ୍ଠି ବଚନ, ଫେରିଯାଅ ଜୀବଧନ, ବୋଲେ ଦ୍ୱିଜ ଦୀନକୃଷ୍ଣ ଏ ରସେ ଅନୁଭବ । ୪ ।

—o—

(ଓ ଶବରୀ ଯିବୁ ଅ ଓ ମୁଁ କାହିଁ ଯିବ କାହିଁ ଯିବ ଓ ଦେଖ ନ ଗଲେ ଶୋଧ ଶୋଧ କରିବ ତୁ କହିଲେ କ ମୁଁ ଯଡ଼ିଦେବ ଓ କଣ କହିବୁ କହନ ।)

ଶବରୀକି ପୁଣି ଶବର କହଇ ଆଜଯାଏ କାହିଁ ଥିଲୁ ? ଛଅମାସ ହେଲା ଦେଖାତ ନୋହିଲା ଦୋଷୁରୁଣୀ ତୁହି ହେଲୁ । ଶବର ଲୋ ୨ । ତୋ ମହତ ଦେବି ସାରି । ୧ । ଶବରକୁ ପୁଣି ଶବରୀ କହଇ ଶ୍ରୀରାମଚନ୍ଦ୍ର ଯେ ସୀତା । ଅଶୋକବନରେ ସୀତା ଥିଲେ ରହିଲେ

Digitized by srujan ka@gmail.com

ତାହାଙ୍କୁ ନୋହିଲା ଲଜ୍ଜା । ଶବରରେ ୨ । ଏକ ଅନନ୍ତ ବେଭାର ॥ ଶୁଣି ପ୍ରାଣମିତ କହିଲୁ ଯା ସତ୍ୟ ସୀତପ୍ୟା ସମ ତୁ ନୋହୁ । ହୀସ ସଙ୍ଗେ ସର ପଥରକୁ କର ମୋ ଆଗେ ବସି ମୂଲ୍ୟ । ନାଗର ଲୋ ୨ । ଭଲ ଗାରମା ତୋହର ।୩। ଯାଅ ରେ ଅଧମ କେତେ କହୁ ତମ ସ୍ତ୍ରୀପୁଅ ଯେ ଅନନ୍ତା । ଖପରରେ ଖାଉ ଘରୁଆ ବୋଲଉ ତେଜିଗଲ ଲମ୍ୱା କଥା । ଶବର ରେ ୨ । କେତେ କରୁ ରା ଗୁଡର ।୪। ଶବରୀକି ଗୁହିଁ ଶବର ବୋଲଇ ତୁମ୍ଭ ଆମ୍ଭର କି କଳି । ଦୀନ କୃଷ୍ଣ ବୋଲେ, ରାଜ ହୋଇ ଗଲେ, ବନୁ ତୋଳି-ବାକ କୋଳି । ସୁଜନେ ହେ ୨ । ବିଗୁରଣା କର ମନେ । ୫ ।

ପଚରା ।

କହଇ ଶବରମଣି, ଶୁଣ ଅଲୋ ଶବରଣି, ଯାହା ପଗୁରୁଛୁ ମୁହିଁ, କହ ବୁଝାଇ ଲୋ । ୧ । ତୁ କାହୁଁ ହୋଇଲୁ ଜାତ । କିଏ ତୋର ତାତ ମାତ, କେଉଁ ଶବର ବନିତା । କହ ଏ କଥା ଲୋ । କୋଳି ଠୋକାଇ କେ ଦେଲା । ରଙ୍ଗମାଳୀ କାହିଁ ଥିଲା । କେ ଦେଲା କରେ କଙ୍କଣ । କହିବୁ ପୁଣି ଲୋ । ୩ । କିସ ଆଭରଣ ହେଉ । କାହିଁଲା ପାଇଲୁ କାହୁଁ । କହିବୁ ଏ କଥା ସତ୍ୟ । ପ୍ରାଣ-ସଙ୍ଗାତ ଲୋ । ୪ । ନ କହିଲେ ହରକତ । ଏଠାରେ ହେବୁ ବହୁତ । କହେ କବି ଦୀନକୃଷ୍ଣ । ସଂଶୟ ମେଣ୍ଟ ଲୋ । ୫ ।

ଉତ୍ତର ।

ଶବରଣୀ କହୁଅଛି, ଶବର ଯା ପଗୁରୁଛି, କହିବା ବୁଝାଇ ଆଜ, ମନରେ ହେଜ ହେ । ୧ । ବେଦବ୍ରହ୍ମାଙ୍କର ନାସ୍ତି. ତାଙ୍କ ନାମ କୁଶସ୍ତ୍ରିସି, ତାଙ୍କଠୁଁ ହେଲା ଦୁହିତା, ତା ନାମ ଶବା ଯେ ॥ ଶବଙ୍କ ମତ ସୁଦକ୍ଷ, ବବୁଧ ସୁତ ପ୍ରତ୍ୟକ୍ଷ, ଅଚ୍ଚେନ୍ତ ମୋ ମାତା ପିତା, ବନ୍ଧୁ ବନିତା ଯେ । ୩ । କୋଳିଠୋକାଇକି ମୋତେ, ସୁତଶା ଦେଲେ ଆହାତେ, ବ୍ରହ୍ମା ଦେଲେ ରଙ୍ଗମାଳ, କଙ୍କଣ

Digitized by srujan ka@gmail.com

କାଳି ଯେ । ୪ । ଦୁର୍ଗା ଆଭରଣ ଦେଇ; କାଞ୍ଚଲି କୁବେର
ଦେଇ, ଠିକ ପଦ ପଦ ଅର୍ଥ, କହିଲି ସତ୍ୟ ଯେ । ୫ । କହେ
ଦୀନ କୃଷ୍ଣ ଦ୍ୱିଜ, ସାଗର ସଙ୍ଗୀତ ବୁଝ, କେ ଅବା ବୋଲିବ
ମିଥ୍ୟା, ସାର ଏକଥା ଯେ । ୬ ।

ପଚରା ।

ଶବରକୁ ପୁଣି କହେ ଶବରଣୀ ତୁହି କାହୁଁ ହେଲୁ ଜାତ,
କଏ ତାତ ମାତ୍ର କହ ତୁ ସାକ୍ଷାତ, କେଉଁ ବେଦ କେଉଁ ଗୋତ୍ର
ଶବର ରେ । ୧ । ଏନୁ କାହୁଁ ହେଲା ତୁମ୍ଭଙ୍କୁ କେ ଦେଲା କେ
ଦେଲା କାଇଞ୍ଚ ମାଳି, ମୁଣ୍ଡରେ କି ପାଗ କହିଦେବ ଆଗ, ତୁମ୍ଭ
ଜାତି କେତେଭଳି ଶବର ରେ । ୨ । କଏ ତୁମ୍ଭ ଇଷ୍ଟଦେବତ
ଅଟନ୍ତି କେଉଁ ବେଦ କେଉଁ ଗୋତ୍ର, ଗୁରୁପୁରୋ ଗୁରୁଶବର କଏ
ସେ, ତାଙ୍କ ନାମ କହ ତଥା ଶବର ରେ । ୩ । କାହିଁକି ଶବର
ନାମ ହେଲା ତୋର, କଥାଁ କର ଜନ୍ମ ବିଧ, କଥାଁ ହୀନଜାତି
କେହି ନ ଛୁଅନ୍ତି, କେ ଦେଲା ଧନୁଗ ବାଦ୍ୟ ଶବର ରେ । ୪ ।
ଭକ୍ଷା ଭଜଯାନ, କାହୁଁ ଯେ ପାଇଲୁ କଏ ସେ ଦେଲା ଫାରସା,
କେଉଁ ମନ୍ତ୍ର ଜପ କରୁ କି ମୁଖରେ; କହ ଫେଡ଼ି ମନ ଅଣ
ଶବର ରେ ॥ ଏ ସବୁ ବୃତ୍ତାନ୍ତ ଜାଣିଥିଲେ କହ, ଯିବି ତୋ
ସଙ୍ଗରେ ମୁହିଁ, ଦୀନ କୃଷ୍ଣ ବୋଲେ, କହୁଛି ମୁଁ ଭଲେ ଗୁପତ
ପଦଟି ଏହି ଶବର ରେ । ୬ ।

ଉତ୍ତର ।

ଶବର କହୁଛି ପୁଣି ଶୁଣ ଆଲୋ ଶବରଣୀ, ବ୍ରହ୍ମାଙ୍କ ଅଂଶେ
ମୋ ଜାତ କହୁଛି ସତ୍ୟ ଗୋ । ୧ । ବ୍ରହ୍ମାଙ୍କର ନବସୃଜ ମଧ୍ୟରେ
ହେଲେ ବିଖ୍ୟାତ ବଶିଷ୍ଠଠାରୁ ବ୍ରାହ୍ମଣ, ଜନ୍ମିଲେ ପୁଣି ହେ ।୨।
ପିଲାଦୃନ ଶବର, ସତ୍ୟଯୁଗେ ଜନ୍ମ ତାର, ପଦ୍ମାବତୀ ନାମେ
ମାତା ଗହନ କଥା ଏ । ୩ । ଶବର ଯେ ବାର ଜାତି, ପ୍ରଥମେ

Digitized by srujan ka@gmail.com

ହେଲେ ବାଘୁଡି, ଧନ ଦେଲେ ବେଦବର, ବୃତ୍ତି ଶିକାର ଯେ ॥ ମେଦନୀ ଯାଗରୁ ଜାଣି, ବାଉଁଶ ଜନ୍ମିଲା ପୁଣି, ଛଡ଼ ଧନୁ ହେଲା ସେହି କହିଲି ମୁହିଁ ଯେ ॥ ଶିବଙ୍କର ଧନୁ ମୋତେ, ଦୁର୍ଗା ଦେଲେ ଯେ ସାକ୍ଷାତେ, ସତ୍ୟଯୁଗରେ ଅନନ୍ତ ଶବର ଜାତି ଲେ ॥ ତ୍ରେତାଯୁଗେ ଗୁହକାର ଦ୍ୱାପରଯୁଗରେ ଯାର, କଳିଯୁଗେ ହେଲା ବସୁ, ପ୍ରଭୁ ସକାଶୁ ଲେ ।୭। ଠାଣିଆ ଫାରସା ଶର, ଦେଇଛନ୍ତି ଯୋଗେଶ୍ୱର, ତମଗୁଣରୁ ମୁଁ ଜାତ, ହେଲି କଶ୍ୟପଙ୍କ ଲେ ରଙ୍ଗବସ୍ତ୍ର ବ୍ରହ୍ମା ଦେଲେ, କାଇଞ୍ଚମାଳର ରୁଦ୍ରେ, ଘୁଙ୍ଗୁର ଦେଲେ ନାରଦ ଦୁନ୍ଦୁଭି ବାଦ୍ୟ ଯେ ।୯। ଯଜୁର୍ବେଦେ ହେଲି ଜାତ, ପିପ୍ପଳାଦ୍ୟନ ମୋ ଗୋତ୍ର, ଅନନ୍ତ ଇଷ୍ଟଦେବତା, ବୁଝ ଏ କଥା ଲେ ।୧୦। ରାମନାମ ମୋ ଭଜନ; ଶ୍ରୀଗୁରୁ ଚରଣେ ମନ, କହେ ଦ୍ୱିଜ ଦୀନ କୃଷ୍ଣ ଗୁପ୍ତ ଘଟନ ଏ ।୧୧।

(ନୋଟ, ୬ ଭରେ ୬ ସେ ହେଲା ଏ ସଅଙ୍କମାନଙ୍କ ପାଖରେ କୋଡ ବନ୍ଦ ପେଶ ପୂରଣା କରିବ)

କୋଳିବିକବା ଗୀତ ।

ଶୁଣ ଆହେ ସଜ୍ଜନ, କୋଳିଖାଇବାକୁ ଯାହାର ମନ, ବାଳକେ ହୋ, ଅଧିକ ସିଦ୍ଧକ ଅଣ ।୧। ନାନାଜାତିର ଯେ କୋଳି, ଶ୍ରୀବୃନ୍ଦାବନରୁ ଆଣିଛୁ ତୋଳି, ବାଳକେ ହୋ, ବାଛୁନିଅ ଭଲ ଭଲ ।୨। ପ୍ରଥମେ ଆମ୍ବ ପଣସ, ସବୁ ଫଳ ମଧ୍ୟେ ଅଟେ ସୁରସ, ବାଳକେ ହୋ, ଖାଇ ମନ ହେବ ତୋଷ ।୩। ଜାମୁକୋଳି ଅଟେ କଷା, ହେଉଛି ବକୁଳି ଦୁଇପଇସା, ବାଳକେ ହୋ, ଖାଇଲେ ହରିବ ତୃଷା ।୪। ଷୀରକୋଳି ମୁଁ ଆଣିଛି, ନାଡ଼ିଭଙ୍ଗି ଷୀର ବହିଯାଉଛି ବାଳକେ ହୋ, କହୁଁ ନାହିଁ ଏ ପାଚିଛି ।୫। ଖଜୁରିକୋଳି କି ଘେନ, ଖାଇଲେ ଲଗିବ ବଡ଼ ପତନ, ବାଳକେ ହୋ, ଅସ ଦେବ ନେବା ବହନ ।୬। ଅଙ୍କୁଳି କିଏ ନେବ, ହେଉଛି ଅଢ଼େଇପଇସା ଦେବ, ବାଳକେ ହୋ, ଖାଇ ମନେ

Digitized by srujan ka@gmail.com

କରୁଥିବ । ୭ । ବଡ଼ ବରକୋଳି ଅଛୁ, ପଇସାକୁ ତିନିଗୋଟି ଦେଉଛୁ, ସୁଜନେ ହୋ, ମନଇଚ୍ଛା ନେଇ ଯାଉଛୁ । ୮ । ବେତକୋଳି କିଏ ନେବ, ସେରକୁ ସାତଣ୍ଡା ଦକଡ଼ା ଦେବ, ବାଲକେ ହୋ, ଲୁଣ ଗୋଳାଇ ଖାଇବ । ୯ । କଣ୍ଟାଇକୋଳିକି ଘେନ, ତା ଖାଇଲେ ମନ ହୋଇବ ପୂର୍ଣ୍ଣ, ବାଲକେ ହୋ, ସୁଆଦ ବଡ଼ ଯତନ । ୧୦ । ମିଠା ନଡ଼ିଆରକୋଳି, ଭିନ୍ନ ଭିନ୍ନ କରି ଆଣିଛୁ ତୋଳି, ବାଲକେ ହୋ, ଖାଇବାକୁ ରସାବଳୀ । ୧୧ । କହେ ଦ୍ୱିଜ ଦୀନକୃଷ୍ଣ, କୋଳିଶକା ଛାନ୍ଦ ହେଲା ସମ୍ପୂର୍ଣ୍ଣ, ସୁଜନେ ହେ, ମୋ ଗୁରୁ ଦୋଷ ନ ଘେନ, ସୁଜନେ ହେ । ୧୨ ।

ଶବର ଶବରୀ ମିଳନ ଓ ଗୀତ ।

ଆଯ କରିବା ସୁଖେ ପ୍ରୀତି ଗୋ, ରସବତି । ମୁଁ ପରା ତୋ କିଣା ଦାସ, ଜଣାଉଛୁ ଦବାସ୍ତୁତି । ଘୋଷା । ବାରଣଗମନା ମୋତେ, ବାରଣ ନ କର ରତେ, ମାରଣଜୟେ ରଖ ମତି, ନବଶଲକ୍ଷଣା ଗୁରୁଣଟଣା ସତି, ଦେଖି ଚନ୍ଦ୍ରମୁଖୀ ମୋର ହୃଦରେ ହେଉଛୁ ଭ୍ରାନ୍ତି । ୧ । ପିକବଚନା ତୋ ପାଶେ, ଧିକ୍କ ନ କର ନିରାଶେ, ରସେ ମେଣ୍ଟାଅ ମୋର ଦୁର୍ଗତି, ଜବାଧର ଧରି ରଖ ଦେଇ ପୀରତି, ସୁଖଭୋଗ ଦିଅ ବାରେ ସମ୍ଭୋଗ ରସରେ ମାତି । ୨ । କଠିନଉରଜା ଲଜ୍ଜା, ତେଜି କୋଳେ ବସ ଆଜ, ଶୁଣ ଗଜଗାମିନୀ ଭାରତୀ ସୁମନା କି ତେଜଇ ଭ୍ରମର ସଙ୍ଗତି, ବନ୍ଧୁ କୁମୁଦ ସର୍ବସ୍ୱେ ସ୍ନେହ ବଢ଼େ ନିତି ନିତି । ୩ । ଦେଖ ସଖି ଯୁବତୀ କାଳ, ମଦନ ହେ କଣ କାଳ, ବାଣ ବିନ୍ଧୁଅଛୁ ନିଶାପତି, କହେ ଦ୍ୱିଜ ଦୀନକୃଷ୍ଣ ହୋଇ ଶରଣାର୍ଥୀ, ଚତୁସ୍ୱରଛନ୍ଦ ବନା ସରିଲା ସୁଖ ସମ୍ପତ୍ତି । ୪ ।

ସମାପ୍ତ ।

କଟକ ଆଶୁତୋଷ ପ୍ରେସରେ
ସ୍ୱତ୍ୱାଧିକାରୀ ଶ୍ରୀ ଗିରିଧାରୀ ପ୍ରସାଦ ରାଉଙ୍କ ଦ୍ୱାରା ମୁଦ୍ରିତ । ୧୯୩୫

Digitized by srujan ka@gmail.com

ବିଜ୍ଞାପନ

ଓଡ଼ିଶା ଜଗନ୍ନାଥ କମ୍ପାନୀ

ପ୍ରିୟ ମହାଶୟ,

ଆମ୍ଭର ଏହି ଓଡ଼ିଶା ଜଗନ୍ନାଥ କମ୍ପାନୀରେ ପ୍ରାଚୀନ ଓ ନବ୍ୟ କବିବୃନ୍ଦଙ୍କ ରଚିତ କାବ୍ୟ, ନାଟକ, ଜ୍ୟୋତିଷ, ଚିକିତ୍ସା, ଉପନିଷଦ୍, ପୁରାଣ, ମହାଭାରତ, ରାମାୟଣ, ଗୀତ, ଭାଗବତ, ଭଜନ, ଜଣାଣ, ଚଉତିଶା ପ୍ରଭୃତି ଯାବତୀୟ ଓଡ଼ିଆ ପୁସ୍ତକାଦି ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ଏହାଛଡ଼ା ପାଟ, ମଠା, ଧୋତି, ଚଦର, କୋଟ, କାମିଜ, ଗେଞ୍ଜି, ମୋଜା, ଶାଲ, ସାରଜ, ବନାତ, ମଲିଦା ପ୍ରଭୃତି ଯାବତୀୟ ଲୁଗାପାଟ ଆମ୍ଭ ନିକଟରେ ବିକ୍ରୟାର୍ଥେ ରହିଅଛି । ଅର୍ଡ଼ର ପଠାଇଲେ ସୁଲଭ ମୂଲ୍ୟରେ ପାଇପାରିବେ ।

ବୃହତ୍ ନାମରତ୍ନଗୀତା	ଟ ୧ ୯	ପକେଟ ସଙ୍ଗୀତ ବା ଗୀତନାଟ୍ୟ	ଟ ୦।
ନାମରତ୍ନଗୀତା ୧ମ	ଟ ୦।√	ନଳ-ଦମୟନ୍ତୀ ଗୀତନାଟ୍ୟ	ଟ୦।
,, ୨ୟ	ଟ ୦।	ସହଜ ଦେଶୀ ଔଷଧି ଚିକିତ୍ସା	ଟ୦।
,, ୩ୟ	ଟ ୦।	ପଦ୍ମପୁରାଣ	ଟ ୧ ୯
,, ୪ର୍ଥ	ଟ ୦।/	ଉତ୍କଳ ପୁରାଣ	ଟ ୦।/
,, ୫ମ	ଟ ୦।√	ଗୀତଗୋବିନ୍ଦ	ଟ ୦।/
ଷୋଡଶଗୁପ୍ତଗୀତା	ଟ ୦।√	ଚୌପଦୀରତ୍ନମାଳା ୧ମ	ଟ୦/୬
ସୁଧାସାରଗୀତା	ଟ ୦ ୳	ଚୌପଦୀରତ୍ନମାଳା ୨ୟ	ଟ୦√
ବିଲଙ୍କା ରାମାୟଣ	ଟ ୦ ୳√	ଗୋପାଳକୃଷ୍ଣ ଚୌପଦୀ	ଟ୦√୬
ଛାନ୍ଦରତ୍ନାକର	ଟ ୦ ୳	ରାଧାବର୍ଣ୍ଣନା ଚୌପଦୀ	ଟ୦/
ଅମର ଜୁମର ସହିତା	ଟ ୦ ୳	କେଶବର୍ଣ୍ଣନା ଚୌପଦୀ	ଟ୦/
[illegible]ାଦସିନ୍ଧୁ	ଟ ୦।√		

ବାଲୁବଜାର,
ପୋ: ଅ: ଚାନ୍ଦନୀଚୌକ; କଟକ

ପ୍ରୋପ୍ରାଇଟର
ଶ୍ରୀ ଜଗନ୍ନାଥ ସିଂହ

Digitized by srujanika@gmail.com